# ଓଡ଼ିଶା ଉଠା ଜଳସେଚନ ନିଗମ

## (ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)

ଏନ-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର-୧୨, Website : www.odishalift.com

CAD-257

## ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ୨୦୨୩-୨୦୨୪ ଆର୍ଥିକ ବର୍ଷ ପାଇଁ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ Online ଦରଖାସ୍ତ ଆହ୍ୱାନ

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଉଠା ଜଳସେଚନ ନିଗମ ଜରିଆରେ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଯେଉଁଠି କେନାଲ ଜଳସେଚନର ସୁବିଧା ପହଞ୍ଚିପାରୁ ନାହିଁ ସେଠାରେ ଭୂତଳ ଓ ଭୂପୃଷ୍ଠ ଜଳକୁ ଚାଷ କାର୍ଯ୍ୟରେ ସୁବିନିଯୋଗ କରିବା ନିମନ୍ତେ ବିଜୁ କୃଷକ ବିକାଶ ଯୋଜନା (BKVY) ମାଧ୍ୟମରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ (Commuity Lift Irrigation Project) ସ୍ଥାପନ ଦ୍ୱାରା ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଅଛି। ଏହି ପ୍ରକଳ୍ପଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରକଳ୍ପର ହିତାଧିକାରୀମାନଙ୍କ ଦ୍ୱାରା ଗଠିତ ହୋଇଥିବା ପାଣି ପଞ୍ଚାୟତମାନଙ୍କୁ ନ୍ୟସ୍ତ କରାଯାଇଥାଏ।

- ଭୂପୃଷ୍ଠ ଜଳ ଯଥା ନଦୀ, ନାଳ ଇତ୍ୟାଦିର ପ୍ରବାହ ଯେଉଁ ଅଞ୍ଚଳରେ ରହିଛି ସେଠାରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ (River Lift) ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୂନ ୨୦ ହେକ୍ଟରରୁ ଅଧିକ ଅଣ ଜଳସେଚିତ ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଉଅଛି।
- ଭୂତଳ ଜଳସ୍ତର (Ground Water) ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଥିବା ଅଞ୍ଚଳରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ (Medium Deep Tube Well) ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୂନ ୧୨ ରୁ ୨୦ ହେକ୍ଟର ଅଣ ଜଳସେଚିତ ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇ ପାରୁଛି।
- ଏହି ପ୍ରକଳ୍ପ ସ୍ଥାପନ ନିମନ୍ତେ ୭ ଜଣରୁ ଅଧିକ ହିତାଧିକାରୀ ରହିବା ଆବଶ୍ୟକ ଓ ସରକାରଙ୍କ ନିୟମ ଅନୁସାରେ ପାଣି ପଞ୍ଚାୟତ ପଞ୍ଜୀକୃତ କରି ହିତାଧିକାରୀମାନଙ୍କ ସହଭାଗିତା ମାଧ୍ୟମରେ ଜଳସେଚନ ପରିଚାଳନା ଓ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ପାଇଁ ସହମତି ପ୍ରକାଶ କରିବା ଜରୁରୀ ଅଟେ।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ ରାଜ୍ୟର ୨୯ ଗୋଟି ଜିଲ୍ଲାର (ଝାରସୁଗୁଡା ଜିଲ୍ଲା ବ୍ୟତୀତ) ଚାଷୀ ଭାଇ ଓ ଭଉଣୀମାନଙ୍କଠାରୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ online ମାଧ୍ୟମରେ ପଞ୍ଜୀକୃତ କରିବା ପାଇଁ ଆସନ୍ତା **ତା.୨୪.୦୪.୨୦୨୩ରିଖ ଠାରୁ ତା.୦୮.୦୫.୨୦୨୩ରିଖ ପର୍ଯ୍ୟନ୍ତ ଖୋଲା ରହିବ।**

ଚାଷୀ ଭାଇ ଓ ଭଉଣୀମାନେ ଏକତ୍ରିତ ହୋଇ ନିଜ ଘରେ ବସି mobile phone ଦ୍ୱାରା / ଗ୍ରାମରେ ଥିବା ଜନ ସହାୟତା କେନ୍ଦ୍ର / ଗ୍ରାମପଞ୍ଚାୟତ ଅଫିସକୁ ଯାଇ ଉଠା ଜଳସେଚନ ନିଗମର website : **www.odishalift.com**ରେ ଉପରୋକ୍ତ ସମୟ ସୀମା ମଧ୍ୟରେ online ଦରଖାସ୍ତ ପୂରଣ କରି ଏହି ଯୋଜନାର ପର୍ଯ୍ୟାପ୍ତ ସୁଯୋଗ ନେବାକୁ ଅନୁରୋଧ କରାଯାଉଅଛି।

ସ୍ୱା./- ପରିଚାଳନା ନିର୍ଦ୍ଦେଶକ

OIPR-32432/11/0031/2324